

ଅନୁଗୋଳ ଜିଲା ମହୋତ୍ସବର ୩ୟ ସନ୍ଧ୍ୟାରେ ପାଲଲହଡ଼ାର କଳାକାରମାନେ ଡାଲଖାଇ ନୃତ୍ୟ ପରିବେଷଣ କରୁଛନ୍ତି।



ଅନୁଗୋଳ ଷ୍ଟାଡିୟମରେ ବଲିଉଡ୍ ଓ ଓଲିଉଡ୍ କଣ୍ଠଶିଳ୍ପୀଙ୍କ ସଙ୍ଗୀତରେ ଝୁମୁଛନ୍ତି ଦର୍ଶକ।



ଭାଗ୍ୟଶ୍ରୀ

# ଯା ଯା ବର, ମନ ମୋର...

**ଅନୁଗୋଳ ଅଫିସ, ୨୦।୧**

ଯା ଯା ବର, ମନ ମୋର..., ଏକ୍ ହୋ ଗୟେ ହମ୍ ଔର ତୁମ୍..., ଟିକ୍ ଟିକ୍ ହୁଏ ମୋ ଛାତି..., କମଲି କମଲି...। ଓଲିଉଡ୍ କଣ୍ଠଶିଳ୍ପୀଙ୍କ କଣ୍ଠରୁ ଝରିପଡ଼ିଥିବା ଏହିସବୁ ଚିର ସବୁଜ ଗୀତ ଶୁକ୍ରବାର ଅନୁଗୋଳ ଷ୍ଟାଡିୟମରେ ସୃଷ୍ଟି କରିଥିଲା ଭିନ୍ନ ପରିବେଶ। ଶୀତ କାକର ରାତିକୁ ଭରିଦେଇଥିଲା ଉଷ୍ମତାରେ। ଭିଜାଇ ଦେଇଥିଲା ଦର୍ଶକଙ୍କ ମନ ଓ ହୃଦୟକୁ।

ଅନୁଗୋଳ ଜିଲା ମହୋତ୍ସବର ତୃତୀୟ ସନ୍ଧ୍ୟା ଆରମ୍ଭ ହୋଇଥିଲା ପାରମ୍ପରିକ ଲୋକକଳାରୁ। ପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱରେ ପାଲଲହଡାର କଳାକାରମାନେ ପରିବେଷଣ କରିଥିଲେ ଡାଲଖାଇ ନୃତ୍ୟ। ଏହାପରେ ମୁଣ୍ଡା ସମ୍ପ୍ରଦାୟର କଳାକାରମାନେ ହୋ ନୃତ୍ୟ ପରିବେଷଣ କରିଥିଲେ। ଯୁଗେଶ୍ୱର ହେସାଙ୍କ ନେତୃତ୍ୱରେ କଳାକାରମାନେ ନମାଘ ପର୍ବର ନୃତ୍ୟ ପ୍ରଦର୍ଶନ କରିଥିଲେ। ପାଲଲହଡା ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଧ୍ରୁବ ଚରଣ ସାହୁଙ୍କ ନେତୃତ୍ୱରେ ଆସିଥିବା ଏହି କଳାକାରମାନେ ସେମାନଙ୍କ ନୃତ୍ୟକଳାରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଏହାପରେ ମଞ୍ଚକୁ ଆସିଥିଲେ ଓଲିଉଡ୍‌ର ଚର୍ଚ୍ଚିତ କଣ୍ଠଶିଳ୍ପୀ ଗୌତମ ଗିରି। ଓଡ଼ିଆ ସିନେମାର କାଳଜୟୀ ଗୀତ ଯା ଯା ବର ମନ ମୋର...ରୁ ସେ ଆରମ୍ଭ କରିଥିଲେ ସଙ୍ଗୀତ ପରିବେଷଣ। ଏହାପରେ ସେ ଶୁଣାଇଥିଲେ ଅନେକ ଚିର ସବୁଜ ଗୀତ। କେବଳ ଗୌତମ ନୁହନ୍ତି ଓଲିଉଡ୍‌ର ଅନ୍ୟତମ ଗାୟିକା ଭାଗ୍ୟଶ୍ରୀ ମଧ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ତାଙ୍କ କଣ୍ଠରୁ ଝରିପଡ଼ିଥିଲା ଟିକ୍ ଟିକ୍ ହୁଏମୋ ଛାତି କିଏ ସେ ଭରିଛି ମୋ ଦେହେ ତାତି..., କମିଲି କମଲି... ଆଦି ସଙ୍ଗୀତ। ସେହିପରି ଓଲିଉଡ୍ ମେଲୋଡି କୁଇନ ମନସ୍ୱିନୀ ହାମେ ତୋ ଲୁଟ୍ ଲିୟା ଇସ୍କ ବାଲୋନେ..., ଆଜ୍ ବୁ ହେ ପାନି ପାନି... ଆଦି ସଙ୍ଗୀତ ପରିବେଷଣ କରିବା ବେଳେ ପୂରା ଷ୍ଟାଡିୟମ ଯେପରି ନାଚି ଉଠିଥିଲା। ଏହାପରେ ମଞ୍ଚକୁ ଆସିଥିଲେ ମୁଖ୍ୟ ଆକର୍ଷଣ ବଲିଉଡ କଣ୍ଠଶିଳ୍ପୀ ରାଜ୍ ବର୍ମାନ। ତୁ ମିଲ ତା ମୁଝେ..., ମେରେ ଡୋଲ ଜୁଦାଇଁ କି..., ତୁମ ଯୋ ମିଲା ମେ ହୋ ଗୟ। କାବିଲ... ଆଦି ଗୀତରେ ଦର୍ଶକଙ୍କୁ ଝୁମାଇ ଦେଇଥିଲେ। ମଞ୍ଚରେ ଜୟ ଜଗନ୍ନାଥ କହିବା ସହ ସେଲ୍‌ଫି ମଧ୍ୟ ନେଇଥିଲେ। ତୃତୀୟ ସନ୍ଧ୍ୟାର ଶେଷ କଳାକାର ଭାବେ ବଲିଉଡ୍ ରାପର୍ ଆର୍ ସି ଆର୍ ଷ୍ଟେଜ ଉପରକୁ ଆସିବା ସହ ନିଜ ରାପ୍ ସଙ୍ଗୀତରେ ଦର୍ଶକଙ୍କୁ ମତୁଆଲା କରିଦେଇଥିଲେ। ବିଳମ୍ବିତ ରାତିଯାଏ ଚାଲିଥିବା ଏହି କାର୍ଯ୍ୟକ୍ରମକୁ ସହସ୍ରାଧିକ ଦର୍ଶକ ମନଭରି ଉପଭୋଗ କରିଥିଲେ।



ଗୌତମ ଗିରି



ରାପର୍ ଆର୍ ସି ଆର



ରାଜ୍ ବର୍ମାନ

# ଅଧିକ ସୁଯୋଗ ସୃଷ୍ଟି କରୁଛି ମଞ୍ଚ

## ଅନୁଗୋଳ ଜିଲା ମହୋତ୍ସବର ୩ୟ ସନ୍ଧ୍ୟା

**ଅନୁଗୋଳ ଅଫିସ, ୨୦।୧**

ବିଶ୍ୱକପ୍ ହକିକୁ ନେଇ ସାରା ଓଡ଼ିଶା ଉତ୍ସବ ମୁଖର। ପଞ୍ଚାୟତରୁ ସହର ଯାଏ ସବୁଠି ପାଳନ ହେଉଛି ଉତ୍ସବ, ମହୋତ୍ସବ। ଏହାଦ୍ୱାରା କଳା ପ୍ରଦର୍ଶନ ପାଇଁ କଳାକାରମାନଙ୍କୁ ମିଳୁଛି ଅଧିକ ସୁଯୋଗ। ଅନୁଗୋଳ ଜିଲା ମହୋତ୍ସବର ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ରାଜ୍ୟ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଆମାତ। ଅନ୍ୟତମ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇଥିଲେ।

ଅନୁଗୋଳ ଷ୍ଟାଡିୟମରେ ଚାଲିଥିବା ଜିଲା ମହୋତ୍ସବର ତୃତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିବା ପରେ ମୁଖ୍ୟ ଅତିଥି କହିଥିଲେ ଯେ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୩୦ ବର୍ଷ ପୂର୍ବେ ଅନୁଗୋଳ ଜିଲାର ମୂଳଦୁଆ ପକାଇଥିଲେ, ଯାହା ଆଜି ବିରାଟ ବଟ ବୃକ୍ଷରେ ପରିଣତ ହୋଇଛି। ସ୍ୱାଗତ ଭାଷଣ ଦେଇ ଆଠମଲ୍ଲିକ ବିଧାୟକ ସାଏ କହିଥିଲେ, ଏମ୍‌ସିଏଲ୍, ନାଲ୍‌କୋ, ଜେଏସ୍‌ପିଏଲ୍, ଏନ୍‌ଟିପିସିରୁ ଆସିଥିବା ମୁଖ୍ୟମାନେ ଅନୁଗୋଳ ଜିଲାକୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛନ୍ତି। ଜିଲାକୁ ଆଗେଇ ନେବା ପାଇଁ ଜିଲାପାଳ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ସମସ୍ତଙ୍କୁ ବିଧାୟକ ଶୁଭକାମନା ଜଣାଇଥିଲେ। ଛେଣ୍ଡିପଦା ବିଧାୟକ ବେହେରା ନିଜ ଅଭିଭାଷଣରେ ଜିଲାପାଳଙ୍କ କାର୍ଯ୍ୟଶୈଳୀ, ଅନୁଗୋଳର ଭାଇଚାରାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମାଜସେବା ପାଇଁ କ୍ଷୀରୋଦ ଚନ୍ଦ୍ର ସାହୁ, କ୍ରୀଡ଼ା କ୍ଷେତ୍ରରେ ଅମରେନ୍ଦ୍ର ବେହେରା, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶରତ ଚନ୍ଦ୍ର ମାଝିଙ୍କୁ ଅନୁଗୋଳ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା।




ସମାଜସେବା ପାଇଁ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ଅନୁଗୋଳ ଗୌରବ ସମ୍ମାନ ପ୍ରଦାନ କରାଯାଉଛି।

# ରାଜ୍ୟସ୍ତରୀୟ ଫୁଟବଲ: କନ୍ଧମାଳ ବିଜୟୀ

**ଆଠମଲ୍ଲିକ, ୨୦।୧ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତର ଲିପିଲୋଇ ଗ୍ରାମରେ ଆୟୋଜିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅନୁଗୋଳକୁ ୧-୦ ଗୋଲରେ ହରାଇ କନ୍ଧମାଳ ବିଜୟୀ ହୋଇଛି। ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମେସୁଆ, ଶିକ୍ଷକ ସୁବ୍ରତ କୁମାର ପ୍ରଧାନ, ଯୁବନେତା କୃଷ୍ଣଚନ୍ଦ୍ର ଦେହୁରୀ, ଶଶି ଭୂଷଣ ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବଳରାମ ବେହେରା, ଉଦୟ କନର, କାମାକ୍ଷା ପ୍ରଧାନ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ଗୋଲ୍ଡେନ କ୍ଲବ ସଭାପତି ମନ୍ମଥ ମେହେର, ସମ୍ପାଦକ ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ କୃପାସିନ୍ଧୁ ପାତ୍ର, ମ୍ୟାନେଜର ସଞ୍ଜୀବ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

# ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ, ଜଣେ ଗିରଫ

**ଅନୁଗୋଳ ଅଫିସ, ୨୦।୧**

ଅନୁଗୋଳ ଜିଲା ବଣ୍ଟାଁରପାଳ ଥାନା ବୁଢ଼ାପଙ୍କ ଗାଁରେ ଗତ ଡିସେମ୍ବର ୩୧ ତାରିଖରେ ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ଜଣେ ଯୁବକଙ୍କୁ ଗିରଫ କରିଛି। ପୋଲିସ କହିଛି, ବୁଢ଼ାପଙ୍କ ଗାଁର ପ୍ରକାଶ ପ୍ରଧାନ(୪୭) ଏକ ସକ୍ୟୁରିଟି ସଂସ୍ଥାରେ କାମ କରନ୍ତି। ଡିସେମ୍ବର ୩୧ ସନ୍ଧ୍ୟାରେ ପ୍ରକାଶ ସାଙ୍ଗ ନୀଳମଣି ମାଝିଙ୍କ ସହ ପନ୍ଦର ଭରଣିଆ ଯାଉଥିବା ସମୟରେ ଏକ ବୋଲେରୋରେ ୫/୬ ଜଣ ଯୁବକ ଆସି ମାରଣାସ୍ତ୍ରରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ପ୍ରକାଶ ବଣ୍ଟାଁରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରି ବୁଢ଼ାପଙ୍କ ଗାଁର ଜମ୍ୱେଶ୍ୱର ନାଏକ(୩୫)ଙ୍କୁ ଶୁକ୍ରବାର ଗିରଫ କରିଛି। ଅନ୍ୟ ୫ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ

## ମିଳିଲାନି ଆବାସ

**ବଇଣ୍ଡା,୨୦।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କୃତ୍ତିବାସପୁର ପଞ୍ଚାୟତରେ ଆବାସ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବିଭିନ୍ନ ଗ୍ରାମର ଆଶାୟୀ ହିତାଧିକାରୀ ଗୁରୁବାରଠାରୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ଚଳାଇଛନ୍ତି। ହିତାଧିକାରୀମାନେ କହିଛନ୍ତି, ପଞ୍ଚାୟତରେ ଅନେକ ଗରିବ ଲୋକ ଚାଳ ଛପର ଘରେ ଜୀବନ କାଟୁଛନ୍ତି। ହେଲେ ଧନୀ ଶ୍ରେଣୀର ପରିବାରକୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାରୀସ୍ତରରେ ତାଲିକା ପ୍ରକାଶ ପାଇଛି। ପ୍ରକୃତ ହିତାଧିକାରୀଙ୍କୁ ଘର ଦିଆଯାଉ ନ ଥିବାବେଳେ କେତେଜଣ ନେତାଙ୍କ ସମ୍ପର୍କୀୟ ଓ ବଡ ବଡିଆଙ୍କୁ ଏହା ଯୋଗାଇ ଦିଆଯାଉଛି। ଏପରିକି ଅନେକ ପରିବାରର ସଦସ୍ୟଙ୍କୁ ଆବାସ ଯୋଜନାରେ ଘର ମିଳିଥିବା ବେଳେ ସେମାନଙ୍କ ପୁଅ, ବୋହୂଙ୍କ ନାମରେ ପୁଣି ଆବାସ ଯୋଗାଇ ଦେବା ପାଇଁ ତାଲିକାରେ ନାମ ପ୍ରକାଶ ପାଇଛି। ତୁରନ୍ତ କୋଠା ଥିଲା ବାଲାଙ୍କୁ ଏଥିରୁ ବାଦ ଦେଇ ପ୍ରକୃତ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ବଞ୍ଚିତ ହିତାଧିକାରୀ କରଡାବାହାଲି ମଧୁ ଗ୍ରାମର ବାସନ୍ତୀ ନାୟକ, ବିଶାଖା ନାୟକ, ବିଳାସ ନାୟକ, ବନମାଳୀପୁର ଗ୍ରାମର ଶୁକଦେବ ଦେହୁରୀ, ସଞ୍ଜୁଳତା ବେହେରା, ସୁକାନ୍ତି ଦେହୁରୀ, ତିଳେଶର ଗ୍ରାମର ସସ୍ମିତା ସ୍ୱାଇଁ, ଦାମବାହାଳ ଗ୍ରାମର ବିନିତା ପ୍ରଧାନ, ପୁଟି ପ୍ରଧାନ, ଚାରୁଲତା ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ପଞ୍ଚାୟତରେ ତାଲା ସମ୍ପର୍କରେ ଖବରପାଇ ଆଠମଲ୍ଲିକ ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ଠାକୁରଗଡ ଆଇଆଇସି ପୀତାମ୍ବର ମଲ୍ଲିକ ପହଞ୍ଚି ଆନ୍ଦୋଳନ କରିଥିବା ଆଶାୟୀ ହିତାଧିକାରୀଙ୍କ ସହ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆଶାୟୀ ଥିବା ହିତାଧିକାରୀ ପୁଣି ଥରେ ଆବେଦନ କରିବେ ବୋଲି ଏବିଡିଓ ସୂଚନା ଦେଇଛନ୍ତି।



# ଜବତ କାଠ ଚୋରି

**ବଇଣ୍ଡା,୨୦।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପେଡିପଥର ବନବିଭାଗ କାର୍ଯ୍ୟାଳୟ ପରିସରରୁ ସୋମବାର ରାତିରେ ଜବତ ହୋଇଥିବା କାଠ ସାମଗ୍ରୀ ଚୋରି ହୋଇଯାଇଛି। ଏ ନେଇ ଅଭିଯୋଗ ପରେ ଥାନାରେ ନଂ. ୧୭ / ୨୩ ରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଏହି ଘଟଣାକୁ ରଫାଦଫା ପାଇଁ ଉଦ୍ୟମ ଚାଲିଥିବା ସାଧାରଣରେ ଆଲୋଚନା ହେଉଛି। ଘଟଣାରୁ ଜଣାପଡ଼ିଛି, ଗତ ଅକ୍ଟୋବର ୬ରେ ଖାରବଇଣ୍ଡା ଗ୍ରାମରେ ହଣ୍ଡପା ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର କାଠ ଓ ଫର୍ନିଚର ଜବତ କରାଯାଇଥିଲା। ଏହି ସାମଗ୍ରୀ ପେଡିପଥର ବନ କାର୍ଯ୍ୟାଳୟଠାରେ ରଖାଯାଇଥିଲା। ସୋମବାର କର୍ମଚାରୀଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ଜବତ ସାମଗ୍ରୀଗୁଡ଼ିକ ଚୋରି କରି ନେଇଛନ୍ତି। ଫରେଷ୍ଟର ଅର୍ଜୁନ କୁମାର ବେହେରା କହିଛନ୍ତି, ଛୁଟିରେ ଥିଲି। କର୍ମଚାରୀମାନେ ହାତୀ ଘଉଡାଇବା ପାଇଁ ଯାଇଥିବାବେଳେ ସାମଗ୍ରୀ ଚୋରି ହୋଇଛି।

# ଗ୍ରାମାଞ୍ଚଳ କପ୍ ଉଦ୍‌ଯାପିତ

**ବଇଣ୍ଡା,୨୦।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ପିତାବଳୀ ଗୁରୁଡ଼ା ଗ୍ରାମରେ ଚାଲିଥିବା ପିତାବଳୀ ଗୁରୁଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଯାପିତ ହୋଇଯାଇଛି। ଏମ୍‌ଏନ୍‌ସିସି କିଶୋରନଗର ଟିମ୍ ଓ ଏମ୍‌ଟିସିସି ଖଉଦା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଏମଏନସିସି କିଶୋରନଗର ଟିମ୍ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ଯୋଗଦେଇ ଚମ୍ପିୟାନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ରନର୍ସଅପ ଟିମ୍‌କୁ ସମ୍ମାନିତ ଅତିଥି ଶିକ୍ଷକ ସନଥ କୁମାର ପ୍ରଧାନ ପୁରସ୍କୃତ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଗ୍ରାମ ସଭାପତି ଦିଲୀପ କୁମାର ମହାନ୍ତି, ବାଞ୍ଛାନିଧି ପ୍ରଧାନ, ବଂଶୀଧର ସେଠୀ ଓ ଯୁବ ସମାଜସେବୀ ହୀରାଲାଲ ସେଠୀ ଉପସ୍ଥିତ ଥିଲେ। ରଜତ ବିଶ୍ୱାଳ, ସଚିନ କୁମାର ସାହୁ, ଆୟୋଜକ ସଂଘ ସଭାପତି ରଞ୍ଜିତ ମହାନ୍ତି, ସମ୍ପାଦକ ସଚିନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ଜାତୀୟ ମାର୍ଶାଲ ଆର୍ଟରେ ୩ ପଦକ



ପଦକଧାରୀଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

**ଅନୁଗୋଳ ଅଫିସ, ୨୦।୧**

କଶ୍ମୀରର ଗଭବତୀନଗରସ୍ଥିତ ଷ୍ଟାଡିୟମରେ ଆୟୋଜିତ ଜାତୀୟ ସମରକଳା ପ୍ରତିଯୋଗିତାରେ ଅନୁଗୋଳର ପ୍ରତିଯୋଗୀ ୩ ପଦକ ହାସଲ କରିଛନ୍ତି। ବରିଷ୍ଠ ବାଳକ ବିଭାଗରେ ଚିତ୍ତରଞ୍ଜନ ମହନ୍ତ, କନିଷ୍ଠ ବାଳକ ବର୍ଗରେ ରୋଟାରି ପବ୍ଲିକ୍ ସ୍କୁଲର କ୍ଷୀତିଜ ବର୍ମା, ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରିୟାଂଶୁ ରାୟ କାଂସ୍ୟ ପଦକୁ ଜିତି ଜିଲାକୁ ଗୌରବାନ୍ୱିତ କରିଛନ୍ତି। ବାଳିକା ବିଭାଗର ଶ୍ରୀୟାଶ୍ରୀ ପ୍ରଧାନ, ବାଳକ ବିଭାଗର ଆଦିତ୍ୟ ପ୍ରକାଶ ସିଂ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ପଦକରୁ ବଞ୍ଚିତ ହୋଇଛନ୍ତି। ଉକ୍ତ ଟିମ୍ ସଦସ୍ୟ ଅନୁଗୋଳରେ ପହଞ୍ଚିବା ପରେ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଉପଜିଲାପାଳ ବାଇତୁରା ଦୀପ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ ପ୍ରମୁଖ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କ୍ରୀଡ଼ାବିତ୍‌ଙ୍କ ଏହି ସଫଳତା ପଛରେ କୋଚ୍ ଦୁଷ୍ମନ୍ତ କୁମାର ନାଥଙ୍କ ହାତ ରହିଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ସାପଘରା କପ୍: ଗୋପାଳପ୍ରସାଦ ଚାମ୍ପିୟନ

**ବଇଣ୍ଡା,୨୦।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ଖେଳ ପଡିଆ ଠାରେ ଚାଲିଥିବା ସାପଘରା କପ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଫୁଲପଡା କ୍ରିକେଟ କ୍ଲବକୁ ହରାଇ ଗୋପାଳପ୍ରସାଦ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ଗୋପାଳପ୍ରସାଦ ବ୍ୟାଟିଂ କରି ୧୪୧ ରନ କରିଥିଲା। ଜବାବରେ ଫୁଲପଡା ବ୍ୟାଟିଂ କରି ୯୨ ରନ କରି ପରାସ୍ତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂ, ରମେଶ ମିଶ୍ର, ମାଗୁଣି ଚରଣ ନାୟକ, ଦିଲୀପ ନାୟକ, ସରପଞ୍ଚ କୈଳାସ ସାହୁ ଯୋଗଦେଇଥିଲେ। ଲିଙ୍ଗରାଜ ନାୟକ, ଅମିୟ ଶଣ୍ଢ ଖେଳ ପରିଚାଳନା କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ଇଣ୍ଡ୍ରା କ୍ଲବ୍ କ୍ରିକେଟ: ଓମ୍ ସାଇ ଦଳ ବିଜୟୀ

**ଢେଙ୍କାନାଳ ଅଫିସ, ୨୦।୧:** ଢେଙ୍କାନାଳ ଷ୍ଟାଡିୟମ୍‌ରେ ଆୟୋଜିତ ଜିଲାସ୍ତରୀୟ ଇଣ୍ଡ୍ରା କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଜଗନ୍ନାଥ ଦଳକୁ ୧୦ ରନ୍‌ରେ ପରାସ୍ତ କରି ଓମ୍ ସାଇ ଦଳ ମ୍ୟାଚ୍ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓମ୍ ସାଇ ଦଳ ୨୦୨ ରନ୍ କରିଥିଲା। ଅଧିନାୟକ ମହମ୍ମଦ ସୁଲେମାନ ୯୦ ରନ ଏବଂ ଗୁରୁଦତ୍ତ ପଟ୍ଟନାୟକ ୫୧ ରନ୍ କରିଥିଲେ। ଜବାବରେ ଜଗନ୍ନାଥ ଦଳ ୧୯୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିକାଶ ରାଉତ ୧୦୩ ରନ୍ କରିଥିଲେ ମଧ ତାହା ଦଳକୁ ଜିତାଇବାରେ ସକ୍ଷମ ହୋଇ ନ ଥିଲା। ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଜିତ ଶତପଥୀ ଅମ୍ପାୟରିଂ କରିଥିବାବେଳେ ଶିବଶଙ୍କର ଦେହୁରୀ, ଅଭିଜିତ ମିଶ୍ର, ଦୀପୁ ଅଲ୍ଲୀ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ପୂର୍ବତନ କ୍ରୀଡ଼ାବିତ୍ ଗୋପାଳଚନ୍ଦ୍ର ପାତ୍ର, ହେମନ୍ତ ଖଟୁଆ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ।

# ବର୍ଷେ ହେଲା ବ୍ୟବସାୟୀ ଛଟପଟ

- ଥଇଥାନ ବ୍ୟବସ୍ଥା ନ କରି ଦୋକାନ ଉଚ୍ଛେଦ
- ଭଙ୍ଗାଯାଉନାହିଁ ସମବାୟ ସମିତି କାର୍ଯ୍ୟାଳୟ
- ଅଟକିଛି ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ
- ଜୀବିକା ପ୍ରଭାବିତ, ଆନ୍ଦୋଳନ ଚେତାବନୀ

ନିଗମାନନ୍ଦ ଦଳବେହେରା
ପରଜଙ୍ଗ, ୨୦।୧(ଡି.ଏନ୍.ଏ.)


ସମବାୟ ସମିତି କାର୍ଯ୍ୟାଳୟ।

ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ବ୍ୟବସ୍ଥିତ ଢଙ୍ଗରେ ବ୍ୟବସାୟ କରିବାର ସୁଯୋଗ ପାଇବେ ବ୍ୟବସାୟୀ। ଏଭଳି ପ୍ରଲୋଭନ ଦେଖାଇ ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀରେ ବୁଲିଥିଲା ବୁଲ୍‌ଡୋଜର। ତହସିଲ ପ୍ରଶାସନର ଏଭଳି ତରବରିଆ ନିଷ୍ପତ୍ତି କେବଳ ବ୍ୟବସାୟୀଙ୍କ ବ୍ୟବସାୟ ବୁଡ଼ାଇଦେଲାନାହିଁ ବରଂ ସେମାନଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇଦେଲା। ଇତିମଧ୍ୟରେ ପାଖାପାଖି ବର୍ଷେ ବିତିଗଲାଣି। ହେଲେ ବଜାର ମଝିରେ ଥିବା ସମବାୟ ସମିତି କାର୍ଯ୍ୟାଳୟ ଉଚ୍ଛେଦ ପ୍ରସଙ୍ଗକୁ ସତେଯେମିତି ଭୁଲିଯାଇଛି ପ୍ରଶାସନ। ଫଳରେ ଯେଉଁ ମହତ ଉଦ୍ଦେଶ୍ୟ ରଖି ଦୋକାନ ଭଙ୍ଗାଯାଇଥିଲା, ତାହା ପୂରଣ ହେଉନାହିଁ। ଏହାକୁ ନେଇ ଜୀବିକା ହରାଇଥିବା ବ୍ୟବସାୟୀଙ୍କ ମଧ୍ୟରେ କୁହୁଳୁଥିବା ପୁଞ୍ଜୀଭୂତ ଅସନ୍ତୋଷ ତୀବ୍ର ହେଉଥିବାବେଳେ ସେମାନେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଉଚ୍ଛେଦ ପରେ ପରଜଙ୍ଗ ବଜାର ଅସ୍ତିତ୍ୱ ହରାଇଛି। ଶତାଧିକ ଉଠାଦୋକାନୀ ଏବଂ ବ୍ୟବସାୟୀ ଠିକଣା ହରାଇ ଇତସ୍ତତଃ ଭାବେ ବ୍ୟବସାୟ କରୁଛନ୍ତି। ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ ସେଠାରେ ଦୋକାନୀଙ୍କୁ ଥଇଥାନ କରାଯିବ ବୋଲି ତହସିଲ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାକୁ ଭରସା କରି ଶତାଧିକ ବ୍ୟବସାୟୀ ଉଚ୍ଛେଦ ପାଇଁ ରାଜି ହୋଇଥିଲେ। ହେଲେ ରେକର୍ଡଭୁକ୍ତ ଜମିରେ ନିର୍ମାଣ ହୋଇଥିବା ସୋସାଇଟି କାର୍ଯ୍ୟାଳୟ ଅଦ୍ୟାବଧି ଉଚ୍ଛେଦ କରାଯାଇ ନ ଥିବାରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ବିଳମ୍ବିତ ହେବାରେ ଲାଗିଛି। ଅନ୍ୟପଟେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ଜୀବିକା ପ୍ରଭାବିତ ହୋଇଥିବାବେଳେ ସେମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଗତ ସୋମବାର ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ବଣିକ ସଂଘର ସଦସ୍ୟ। ସୋସାଇଟି କାର୍ଯ୍ୟାଳୟ ସ୍ଥାନାନ୍ତର କରିବା ଦିଗରେ ପ୍ରଶାସନ ହସ୍ତକ୍ଷେପ କରିବା ସହ ତୁରନ୍ତ ଅଫିସ ଉଚ୍ଛେଦ କରିବାକୁ ଦାବି କରାଯାଇଥିଲା। ଏହା ନ ହେଲେ ରାସ୍ତାରୋକୋ କରି ଆନ୍ଦୋଳନ କରାଯିବ ବୋଲି ବଣିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**ସମସ୍ୟା ସମାଧାନ ନ ହେଲେ ରାସ୍ତାରୋକୋ**



ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବର୍ଷେ ତଳେ ପରଜଙ୍ଗ ବଜାରରୁ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ହେଲେ ସମବାୟ ସମିତି କାର୍ଯ୍ୟାଳୟ ଉଚ୍ଛେଦ ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁନାହିଁ। ସମସ୍ୟା ସମାଧାନ ନ ହେଲେ ରାସ୍ତାରୋକୋ କରାଯିବ।

-ବରୁଣ କୁମାର ଦଳବେହେରା, ବଣିକ ସଂଘ ସଭାପତି

**ବିପୁଳ କ୍ଷତି ସହୁଛନ୍ତି ବ୍ୟବସାୟୀ**



ସେବା ସମବାୟ ସମିତି କାର୍ଯ୍ୟାଳୟ ଉଚ୍ଛେଦ କରା ନ ଯାଇ ତରବରିଆ ଭାବେ ଦୋକାନ ଘରଗୁଡ଼ିକ ପ୍ରଶାସନ ଭାଙ୍ଗିଦେଲା। ବ୍ୟବସାୟୀମାନେ ବିପୁଳ କ୍ଷତି ସହୁଛନ୍ତି। ଏହାକୁ ବର୍ଷେ ବିତିଯାଇଥିଲେ ମଧ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେବା ପରିତାପର ବିଷୟ।

-ଦୀପକ ଦଳବେହେରା, ବ୍ୟବସାୟୀ

**ଆମର କୌଣସି ଭୂମିକା ନାହିଁ**



ସମବାୟ ସମିତି କାର୍ଯ୍ୟାଳୟ ରେକର୍ଡଭୁକ୍ତ ଜମିରେ ନିର୍ମାଣ କରାଯାଇଛି। ପ୍ରଶାସନ ଯେକୌଣସି ସ୍ଥାନରେ ଅସ୍ଥାୟୀ ଘର ଯୋଗାଇ ଦେଲେ କାର୍ଯ୍ୟାଳୟ ତୁରନ୍ତ ସ୍ଥାନାନ୍ତର ବ୍ୟବସ୍ଥା କରାଯିବ। ଏଥିରେ ଆମର କୌଣସି ଭୂମିକା ନାହିଁ।

-ବିଷ୍ଣୁ ଚରଣ ରାଉତ, ସମବାୟ ସମିତି ସଭାପତି

**ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ**



ସୋସାଇଟି ଅଫିସକୁ ଅସ୍ଥାୟୀ ଭାବେ ବ୍ଲକ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବା ଲାଗି ଏକ ଘର ଯୋଗାଇ ଦେବା ପାଇଁ ବିଡିଓଙ୍କୁ ଚିଠି କରାଯିବ। ସୋସାଇଟି କାର୍ଯ୍ୟାଳୟ ଉଚ୍ଛେଦ ଲାଗି ପଦକ୍ଷେପ ନିଆଯିବ। ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ।

-ଖଗେଶ୍ୱର ପାତ୍ର, ତହସିଲଦାର

## ୧୨୫ ୟୁନିଟ୍ ରକ୍ତ ସଂଗ୍ରହ

**ମାରୱାଡ଼ି ଯୁବ ମଞ୍ଚ ପ୍ରତିଷ୍ଠା ଦିବସ**

ଢେଙ୍କାନାଳ ଅଫିସ, ୨୦।୧

ଢେଙ୍କାନାଳ ମାରୱାଡ଼ି ଯୁବ ମଞ୍ଚ ପ୍ରତିଷ୍ଠା ଦିବସରେ କେଡିଆ ଫାର୍ମାସୀ ପରିସରରେ ଶୁକ୍ରବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସଭାପତି ମଧୁ ଝାୱର, ସମ୍ପାଦକ ବିନିତ କେଡିଆଙ୍କ ତତ୍ତ୍ୱାବଧାନରେ ଉପସଭାପତି ରାଜେଶ ସୋନି, ସଭ୍ୟ ଦୀପକ କେଡିଆ, ରାଜେଶ କେଡିଆ, ମନୋଜ ଅଗ୍ରୱାଲ, ବିନୋଦ ବର୍ମା, ଆଶିଷ କେଡିଆ, ଗୌରବ ପୋଦ୍ଦାର, ଶ୍ୱେତା ଅଗ୍ରୱାଲ, ଅନିତା ବିନାନୀ, ଶ୍ରଦ୍ଧା ବର୍ମା, ଚାନ୍ଦନୀ ବର୍ମା, ନିଶା ବର୍ମା ପ୍ରମୁଖ ସହଯୋଗ କରିଥିଲେ। ଜିଲା ରକ୍ତଭଣ୍ଡାର ପକ୍ଷରୁ ଡାକ୍ତର ଜୟନାରାୟଣ ପାଢ଼ୀ, ପରମାନନ୍ଦ ପଣ୍ଡା, ରାକେଶ ବେହେରା, ତପନ ଜେନା, ଅଜୟ ସ୍ୱାଇଁ, ବରୁଣ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।


ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

## ଲୁକ୍କାୟିତ ପ୍ରତିଭା ବିକାଶକୁ ଗୁରୁତ୍ୱ


ଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ସାତମାଇଲ, ୨୦।୧(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଶିକ୍ଷା ବିକାଶ ସଂସ୍ଥାନ ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଶୁକ୍ରବାର ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସୁକାନ୍ତ କୁମାର ମାଝିଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ବିଧାୟିକା ସୀମାରାଣୀ ନାୟକ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଜିଲା ପରିଷଦ ସଦସ୍ୟ ସୁମନ୍ତ ଦେହୁରୀ, ନୂଆବଗ ସରପଞ୍ଚ ମାନସ ଦେହୁରୀ, ଦୁଦୁରୁକୋଟ ସରପଞ୍ଚ ମନୋଜ ବେହେରା, ରାସୋଲ ସରପଞ୍ଚ ଦିବାକର ନାଏକ, ସାମାଜିକ କର୍ମୀ ସୁଶାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥିମାନେ ଶିକ୍ଷାନୁଷ୍ଠାନର ଉନ୍ନତି କାମନା କରିବା ସହ ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରି ଭଲ ମଣିଷ ହେବା ଲାଗି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ।

ପ୍ରଧାନ ଆଚାର୍ଯ୍ୟା ବିନୋଦିନୀ ଧର ସ୍ୱାଗତ ଭାଷଣ ଦେଇଥିବାବେଳେ କମିଟି ସମ୍ପାଦକ ଅରୁଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମାମା ଗୁରୁମା’ଙ୍କ ସଂଯୋଜନାରେ କୁନି କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ ଗୁରୁମା, ଗୁରୁଜୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିବାବେଳେ ମୌସୁମୀ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଗୁଣାତ୍ମକ ଶିକ୍ଷା ପରିବର୍ତ୍ତନ ଆଣିବ’

ରାସୋଲ, ୨୦।୧(ଡି.ଏନ୍.ଏ.)

ହିନ୍ଦୋଳ ଉପଖଣ୍ଡର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ରାସୋଲ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅନାଦି ନାଏକଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ବିଧାୟିକା ସୀମାରାଣୀ ନାୟକ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ସରପଞ୍ଚ ଦିବାକର ନାଏକ ଏବଂ ମୁଖ୍ୟବକ୍ତା ଅନୁଗୋଳ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ ସର ମଞ୍ଚାସୀନ ଥିଲେ। ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଅଣାଯାଇପାରିବ। ଛାତ୍ରୀଛାତ୍ର ଉଚ୍ଚାଭିଳାଷୀ ହୋଇ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ଲାଗି ମାନସିକସ୍ତରରେ ପ୍ରସ୍ତୁତି ଆରମ୍ଭ କରିବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।


ଜଣେ କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଚାଖି ଖୁଣ୍ଟିଆଙ୍କ ସ୍ମୃତିଚାରଣ

ଢେଙ୍କାନାଳ ଅଫିସ, ୨୦।୧

ଢେଙ୍କାନାଳ କଲେଜ ବାଇପାସସ୍ଥିତ ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ମହାନ୍ ବିପ୍ଳବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ର ସଭାପତିତ୍ୱ କରି ସ୍ୱାଧୀନତା ସଂଗ୍ରାମରେ ଚାଖି ଖୁଣ୍ଟିଆଙ୍କ ଅବଦାନ, ତାଙ୍କ ଦେଶପ୍ରେମ ଭାବନା, ବ୍ରିଟିଶ ବିରୋଧରେ ଲଢ଼େଇ ଉପରେ ଆଲୋଚନା କରିଥିଲେ। ଓଡ଼ିଆ ଜାତିକୁ ଗୌରବାନ୍ୱିତ କରିଥିବା ଏଭଳି ଜଣେ ମହାନ୍ ସଂଗ୍ରାମୀଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହେବାକୁ ଶିକ୍ଷକ ସୁଶୀଳ ସାହୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଶିକ୍ଷକ ଅଶୋକ ପ୍ରଧାନ, ଶିକ୍ଷୟିତ୍ରୀ କବିତା ମିଶ୍ରଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକମାନେ।

## ଏସ୍‌ବିଆଇ କର୍ମଚାରୀଙ୍କ ପ୍ରତୀକାତ୍ମକ ଧର୍ମଘଟ


ପ୍ରତୀକାତ୍ମକ ଧର୍ମଘଟରେ ସାମିଲ ହୋଇଥିବା ଏସ୍‌ବିଆଇ କର୍ମଚାରୀମାନେ।

ଢେଙ୍କାନାଳ ଅଫିସ, ୨୦।୧

ବିଭିନ୍ନ ଦାବିନେଇ ଢେଙ୍କାନାଳ ଜୋନ୍ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) କର୍ମଚାରୀମାନେ ଶୁକ୍ରବାର ମୁଖ୍ୟ ଶାଖା ସମ୍ମୁଖରେ ପ୍ରତୀକାତ୍ମକ ଧର୍ମଘଟ କରିଛନ୍ତି। ସପ୍ତାହକୁ ୫ କାର୍ଯ୍ୟଦିବସ, ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ରିଭିଜନ୍, ଅବସର ବେତନ ସଂଶୋଧନ ଆଦି ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ କରି ଧର୍ମଘଟ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସହକାରୀ ସାଧାରଣ ସମ୍ପାଦକ ଦେବୀ ପ୍ରସାଦ ମିଶ୍ର, ଗୋପାଳ ସାହୁ, ସୌମ୍ୟ ମିଶ୍ର, ଜିତେନ୍ଦ୍ର ଦାସ, ଦ୍ୱିତୀକୃଷ୍ଣ ମଲ୍ଲିକ, ଚୈତନ୍ୟ ଖୁଣ୍ଟିଆ, ପ୍ରଜ୍ଞା ସେଠୀ, ସୁଶାନ୍ତ ସାହୁ, ସାବିତ୍ରୀ ପଣ୍ଡା, ଲିପିନା ବେହେରା, ମାନସ ସାମନ୍ତ ରାଏ, ଶୁଭେନ୍ଦୁ ପଣ୍ଡା, ସୁବ୍ରମଣ୍ୟମ୍ ବିଶ୍ୱାଳ, ସନ୍ତୋଷ ବରାଳ ପ୍ରମୁଖ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ।

## ବୁଝାଇଲେ ସାମ୍ବିଧାନିକ ଅଧିକାର

ପରଜଙ୍ଗ, ୨୦।୧(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଶୁକ୍ରବାର ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅତିରିକ୍ତ ଅଧ୍ୟକ୍ଷା ନମିତା ତ୍ରିପାଠୀ, ଶିକ୍ଷକ ପଞ୍ଚାନନ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ପ୍ରୀତୀଶ କୁମାର ମିଶ୍ର ଯୋଗଦେଇ ଭାରତୀୟ ସମ୍ବିଧାନରେ ସ୍ଥାନିତ ଅଧିକାର ଏବଂ କର୍ତ୍ତବ୍ୟର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର, ସରକାରୀ ଆଇନଜୀବୀ ସନତ ସାହୁ, ସନ୍ତୋଷ ସାହୁ, ପ୍ରଦୀପ ସାହୁ, ଆଇନଜୀବୀ ଜ୍ୟୋସ୍ନା ବିଶ୍ୱାଳ, ମମତା ମହାପାତ୍ର, ସହାୟକ ଭବାନୀଶଙ୍କର ଦାଶ, ସଞ୍ଜୟ ଦଳେଇ, ମହେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ମାନସିକ ଦକ୍ଷତା ବଢ଼ାଏ ଯୋଗ

ଢେଙ୍କାନାଳ ଅଫିସ, ୨୦।୧

ଢେଙ୍କାନାଳ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ସଭାଗୃହରେ ଜିଲାସ୍ତରୀୟ ବିଦ୍ୟାଳୟସମୂହ ଯୋଗାସନ ଓ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡିଇଓ ନିବେଦିତା ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁ କହିଲେ, ବଦଳୁଥିବା ସମୟରେ ଯୋଗକୁ ସମସ୍ତେ ଜୀବନର ଅଙ୍ଗ କରିବା ଜରୁରୀ। ଏହା ଉଭୟ ଶାରୀରିକ ଓ ମାନସିକ ଦକ୍ଷତା ବଢ଼ାଇବାରେ ସହାୟକ ହୋଇଥାଏ। ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ ଉପସ୍ଥିତ ଥିଲେ।

ଜିଲା ଶାରୀରିକଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡ଼ାଙ୍କ ତତ୍ତ୍ୱାବଧାନରେ ୧୨୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ, ୩୦ ଟିମ୍ ମ୍ୟାନେଜର ଏବଂ ଅଫିସିଆଲ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରାଣବନ୍ଧୁ ସାହୁ, ଜାତୀୟ ଚେସ୍ ଖେଳାଳି କୁଳମଣି ଜେନା ବିଚାରକ ଭାବେ ଯୋଗଦେଇଥିଲେ। ୨୦ ପ୍ରତିଯୋଗୀ ଭଦ୍ରକ ଜିଲା ତିହିଡିରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି। ୪ ଜଣିଆ ଟିମ୍ ମ୍ୟାନେଜରଙ୍କ ନେତୃତ୍ୱରେ ପ୍ରତିଯୋଗୀମାନେ ଭଦ୍ରକ ଗସ୍ତ କରିବେ। ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଅକ୍ଷୟ ପଣ୍ଡା, ପ୍ରଶାନ୍ତ ଧଳ, ସୁବ୍ରତ ମିଶ୍ର, ରଞ୍ଜନ ଦେହୁରୀ, ଅମିନ ତରାଇ, ଜଗନ୍ନାଥ ସାହୁ, ଦୁଷ୍ମନ୍ତ ସେଠୀ, ପ୍ରଶାନ୍ତ ସାହୁ, ସୁଶୀଲ ପଣ୍ଡା, ନରେଶ ମହାରଣା ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଯୋଗାସନ ଓ ଚେସ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ।

**ରାଜ୍ୟସ୍ତରୀୟ ଟାଏକୋଣ୍ଡୋ**

## ଢେଙ୍କାନାଳକୁ ୨୧ ପଦକ

ଢେଙ୍କାନାଳ ଅଫିସ, ୨୦।୧

କଟକ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ଆୟୋଜିତ ୩୫ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଚମକିଛନ୍ତି ଢେଙ୍କାନାଳ ଜିଲାର ପ୍ରତିଯୋଗୀ। ପ୍ରତିଯୋଗିତାରେ ୬୭ ପ୍ରତିଯୋଗୀଙ୍କ ମଧ୍ୟରୁ ୨୧ ଜଣ ପଦକ ଜିତିବାରେ ସଫଳ ହୋଇଛନ୍ତି। ତନ୍ମଧ୍ୟରେ ୬ ସ୍ୱର୍ଣ୍ଣ, ୫ ରୌପ୍ୟ, ୧୦ କାଂସ୍ୟ ରହିଛି।

ସିଲଭି ସାହି, ବିଙ୍କା ବୈଦେହିକା, ଶୁଚିସ୍ମିତା ବେହେରା, ମୁସ୍କାନ ମହାନ୍ତି, ବିଶ୍ୱଦର୍ଶିନୀ ବରାଳ, ପ୍ରତାପ ନାଏକ ସ୍ୱର୍ଣ୍ଣ, ପ୍ରୀତିଲଗ୍ନା ଶତପଥୀ, ଇନ୍ଦ୍ରଜିତ ସାହୁ, ସୌମିକ ମହାନ୍ତି, ଦୁଃଖିଆ ମୁର୍ମୁ, ସାଇସୋହନ ପ୍ରସାଦ ମଲ୍ଲିକ ରୌପ୍ୟ, ଯାଜ୍ଞଶ୍ରୀ ଶତପଥୀ, ସାନ୍‌ଭି ରାଉତ, ଆଦ୍ୟାଶା ମିଶ୍ର, ଜୀବନଜ୍ୟୋତି ନାୟକ, ପ୍ରୀତିଶ ନାଏକ, ପ୍ରବୀଣ ମଲ୍ଲିକ, ଅନିଷା ପଟ୍ଟନାୟକ, ଆକାଂକ୍ଷା ଶତପଥୀ, ସାଇନା ସାହି, ଅନ୍ୱେଷା ପାଣିଗ୍ରାହୀ କାଂସ୍ୟ ପଦକ ଜିତିଛନ୍ତି। ପଦକଧାରୀମାନେ ଫେବୃୟାରୀରେ ହେବାକୁଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ।


ଜିଲାପାଳଙ୍କ ଗହଣରେ ପଦକଧାରୀ ପ୍ରତିଯୋଗୀମାନେ।

ସୂଚନାଯୋଗ୍ୟ, ଚଳିତମାସ ୧୩ରୁ ୧୫ ତାରିଖ ଯାଏ ସବ୍‌ଜୁନିୟର, କ୍ୟାଡେଟ, ଜୁନିୟର ଏବଂ ସିନିୟର ବିଭାଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ଟିମ୍ ସହ ମ୍ୟାନେଜର ଭାବେ ନର୍ମଦା ମହାପାତ୍ର, ସାହିର ମହମ୍ମଦ ଏବଂ କୋଚ୍ ଭାବେ ମାଷ୍ଟର ଇଂ. ସୌମ୍ୟବ୍ରତ ସାହୁ ସାମିଲ ହୋଇଥିଲେ। ଏଭଳି ସଫଳତାରେ ଜିଲାପାଳ ସରୋଜ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ ମହାନ୍ତି ସମସ୍ତ କ୍ରୀଡ଼ାବିତ୍ ଏବଂ କୋଚ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

